## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ୫ ଗୋରୁ ମୃତ



ପବିତ୍ରନଗର,୬।୭(ଡି.ଏନ.ଏ.)- କଣିହାଁ ବ୍ଲକ ବିରୁ ପଞ୍ଚାୟତ ବୁଲାଝର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁ ଗୁଡ଼ିକ ଗ୍ରାମର ପରମାନନ୍ଦ ସାହୁଙ୍କ ବୋଲି ଜଣାପଡିଛି। ସକାଳୁ ଗୋରୁ ଗୁଡିକ ଗୁହାଳ ବାହାରେ ଖୁଣ୍ଟରେ ବନ୍ଧା ହୋଇଥିବାବେଳେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସିଯାଇଥିଲେ। ବର୍ଷା ଯୋଗୁ କୌଣସି ମତେ ଖୁଣ୍ଟରେ ବିଦ୍ୟୁତ ଚାର୍ଜ ହୋଇଥିବାରୁ ଗୋରୁଗୁଡିକର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ କଣିହାଁ ବ୍ଲକ ପ୍ରାଣୀଧନ ଚିକିତ୍ସକ କମଳ ଲୋଚନ ଦାସ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପରାବିଲ ରାଜସ୍ୱ ନିରୀକ୍ଷକ କାର୍ତ୍ତିକ କୁମାର ସାହୁ କହିଛନ୍ତି, ଗୋରୁ ମୃତ୍ୟୁ ନେଇ ଖବର ମିଳିଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ପ୍ରାଣୀଧନ ବିଭାଗର ରିପୋର୍ଟ ଆଧାରରେ ସରକାରୀ ସହାୟତାର ବ୍ୟବସ୍ଥା କରାଯିବ।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୬।୭(ଡି.ଏନ.ଏ.)- ହଣ୍ଡପା ପୋଲିସ ଶୁକ୍ରବାର ରାତିରେ ଦାଦରସାହି ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ଗୁଣ୍ଡୁରୀମୁଣ୍ଡା ଗ୍ରାମର ଦୟାନିଧି ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ସେ କିଛିଦିନ ହେବ ଫେରାର ଥିଲେ। ଦାଦରସାହିରେ ସମ୍ପର୍କୀୟଙ୍କ ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

■ମଦ ଭାଟି ମ୍ୟାନେଜରଙ୍କଠାରୁ ୫ ଲକ୍ଷ ଲୁଟ୍ ଘଟଣା

# ଡକାୟତି ଗ୍ୟାଙ୍ଗର ୪ ଗିରଫ, ୩ ଫେରାର

**ବଅଁରପାଳ, ୬।୭ (ଡି.ଏନ୍.ଏ)**

ହିନ୍ଦୋଳ ମଦଭାଟି ମ୍ୟାନେଜର ସୌରଭ ଯାଦବଙ୍କଠାରୁ ୫ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ସମ୍ପୃକ୍ତ ଡକାୟତି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୋଟଙ୍ଗା ଥାନା ଅଞ୍ଚଳର ଗଗନ ନାୟକ (୨୫), ହିନ୍ଦୋଳ ଥାନା ଟାଙ୍ଗିଶାଳର ସଞ୍ଜୟ ସାମଲ (୨୫), ବାଲିମୀ ଥାନା ଅଞ୍ଚଳର ଭରତ ନାଏକ (୨୪) ଏବଂ ସୌମ୍ୟରଞ୍ଜନ ପ୍ରଧାନ (୧୯)। ଅଭିଯୁକ୍ତଙ୍କ ନିକଟରୁ ୨ ବାଇକ୍, ସ୍କୁଟି, କାର୍ ଜବତ କରାଯାଇଛି। ଏଥିରେ ସାମିଲ ଥିବା ଅନ୍ୟ ୩ ଜଣ ଫେରାର ଅଛନ୍ତି। ଅନ୍ୟଜଣେ ଆପରାଧିକ ମାମଲାରେ ଗିରଫ ହୋଇ ତାଳଚେର ଜେଲରେ ଅଛନ୍ତି। ବଅଁରପାଳ ଥାନାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏବଂ ଥାନାଧିକାରୀ ସୁନୀଲ କୁମାର କର ଡକାୟତି ଗ୍ୟାଙ୍ଗର କଳାକାରନାମା ଉପରୁ ପରଦା ଉଠାଇଛନ୍ତି।

ଅନୁଗୋଳ ଅଞ୍ଚଳର ସୌରଭ ହିନ୍ଦୋଳ ମଦଭାଟି ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଗତ ଜୁନ୍ ୧୪ ଅପରାହ୍ନରେ ସେ ହିନ୍ଦୋଳ, ମହୀଧରପୁର, ତଳମୂଳ, ଫୁଲପଡ଼ା ଅଞ୍ଚଳର ଲାଇସେନ୍ସପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନରୁ ଟଙ୍କା ସଂଗ୍ରହ କରି ଅନୁଗୋଳ ଫେରୁଥିଲେ। ଏହି ସମୟରେ ଫୁଲପଡ଼ା ନିକଟରେ ୩ଟି ବାଇକ୍‌ରେ ୮ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ଭୁଜାଲିରେ ଆକ୍ରମଣ କରିବା ସହ ସ୍କୁଟି ଏବଂ ସ୍କୁଟିରେ ଥିବା ୫ଲକ୍ଷ ୬ ହଜାର ଟଙ୍କା ଲୁଟି ନେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ସୌରଭ ଏ ନେଇ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛାନ୍‌ଭିନ୍ ବେଳେ ପୋଲିସ ସ୍କାନରକୁ ଆସିଥିଲେ ଘଟଣାର ମାଷ୍ଟର ମାଇଣ୍ଡ ସଞ୍ଜୟ ସାମଲ ଓରଫ୍ ଗେଡୁ (୨୫)।

ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟଙ୍କ ସାତମାଇଲରେ ଏକ ଢାବା ଅଛି। ହିନ୍ଦୋଳରେ ଥିବା ମଦ କାଉଣ୍ଟରରୁ ସେ ମଦ ଆଣନ୍ତି। ମଦ କାରବାର ବେଳେ ଉକ୍ତ କାଉଣ୍ଟରର ବ୍ୟବସାୟ ଏବଂ ଆଦାୟ ହେଉଥିବା ଟଙ୍କା ବିଷୟରେ ଜାଣିପାରିଥିଲେ। ଏହାପରେ ମ୍ୟାନେଜରଙ୍କୁ ଲୁଟ୍ କରିବାକୁ ପ୍ରସ୍ତୁତ କରିଥିଲେ ବ୍ଲୁପ୍ରିଣ୍ଟ। ଏଥିପାଇଁ ସେ ସହଯୋଗୀଙ୍କ ସହାୟତା ନେଇଥିଲେ। ସଞ୍ଜୟ ଧରାପଡ଼ିବା ପରେ ପୋଲିସ ଡକାୟତି ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କ ବିଷୟରେ ସୂଚନା ପାଇଥିଲା। ସମସ୍ତଙ୍କୁ ଧରିବାକୁ ଜାଲ ବିଛାଇଥିଲା ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଏବଂ ବଅଁରପାଳ ପୋଲିସ। ବାଲିମି, ହିନ୍ଦୋଳ, ବନ୍ତଳା, ମୋଟଙ୍ଗା ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।



### ଲୁଟ୍ ଟଙ୍କାରେ ସୌଖୀନ ଜୀବନ

ରାଜରାସ୍ତାରେ ଲୁଟ୍ କରୁଥିଲେ। ଆଉ ଲୁଟ୍ ଟଙ୍କାରେ ଜିଉଁଥିଲେ ସୌଖୀନ ଜୀବନ। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଥିବା ଅଭିଯୁକ୍ତ ଭରତ ନାଏକ ଲୁଟ୍ ଟଙ୍କାରେ କିସ୍ତିରେ କିଣିଛନ୍ତି ଏକ ଇଣ୍ଡିକା କାର। ସେହିପରି ସଞ୍ଜୟ ସାମଲ କିଣିଛନ୍ତି ବୁଲେଟ୍। ଅନ୍ୟଜଣେ ନିଜ ଭାଗରେ ପଡ଼ିଥିବା ଟଙ୍କାରେ ବିଭିନ୍ନ ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ୩ ହଜାର ୬୮୦ ଟଙ୍କା, ୬ ମୋବାଇଲ, ଭୁଜାଲି, ୨ବାଇକ୍, ଗୋଟିଏ ସ୍କୁଟି ଏବଂ କାର୍ ଜବତ କରିଛି। ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଏସ୍‌ଡିପିଓ କହିଛନ୍ତି।

### ୩ ବାଇକ୍, କାର, ମାରଣାସ୍ତ୍ର ଜବତ

# ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

**ବଇଣ୍ଡା,୬।୭(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ବଇଶିଣା ନିକଟରେ ଶୁକ୍ରବାର ରାତିରେ ଏକ ୧୦୮ ଆମ୍ବୁଲାନ୍ସ (ଓଡ଼ି୦୨ଜି୪୭୨୭)କୁ ଏକ ଟ୍ରେଲର ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ବସିଥିବା ହେଲପର ଓ ଚାଳକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ଘଟଣାରୁ ଜଣାପଡ଼ିଛି, କଟକରୁ ସମ୍ବଲପୁର ଅଭିମୁଖେ ଆମ୍ବୁଲାନ୍ସଟି ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ହଣ୍ଡପା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗ୍ରାମରକ୍ଷୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୬।୭(ଡି.ଏନ.ଏ.)**

ଠାକୁରଗଡ଼ ଥାନାରେ କାର୍ଯ୍ୟରତ ଗ୍ରାମରକ୍ଷୀ ଠାକୁରଗଡ଼ ଗ୍ରାମର ଶରତ ନାୟକଙ୍କୁ ସେହିଗ୍ରାମର ସନ୍ତୋଷ ସାହୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬୧/୧୯ରେ ମାମଲା ରୁଜୁ କରିଛି। ଗୁରୁବାର ଶରତ ରଥଯାତ୍ରା ଡ୍ୟୁଟି କରୁଥିବାବେଳେ ସନ୍ତୋଷ ଗାଡ଼ି ସାଇଡ କରିବାକୁ ନେଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ୮ରେ ହିଙ୍ଗୁଳା ମନ୍ଦିର ରତ୍ନମୁଦ



ରତ୍ନମୁଦ ଉତ୍ସବ ପାଇଁ ମନ୍ଦିର ଚାରିପାର୍ଶ୍ୱରେ ଟେଣ୍ଟ ବନ୍ଧା ଯାଉଛି।

**ତାଳଚେର, ୬।୭(ନି.ପ୍ର.)**

■ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା

■ଟ୍ରଷ୍ଟବୋର୍ଡର ବ୍ୟାପକ ପ୍ରସ୍ତୁତି

ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିରର ପବିତ୍ର ରତ୍ନମୁଦ ଉତ୍ସବ ଆସନ୍ତା ୮ ତାରିଖ ହେରା ପଞ୍ଚମୀ ଦିନ ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯାଉଛି। ମନ୍ଦିର ଚତୁଃପାର୍ଶ୍ୱରେ ଟେଣ୍ଟ ନିର୍ମାଣ କରାଯାଇଛି। ପୂର୍ବ ପାର୍ଶ୍ୱରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ପାଇଁ ୧୮୦ ଫୁଟ ଲମ୍ବ ଓ ୧୮୦ ଫୁଟ ପ୍ରସ୍ଥର ଟେଣ୍ଟ ନିର୍ମାଣ କରାଯାଇଛି। ସେହିଭଳି ମନ୍ଦିର ପରିସରରେ ଭଜନ ସମାରୋହ ପାଇଁ ୧୫୦ ଫୁଟ ଲମ୍ବ ଓ ୧୦୦ ଫୁଟ ପ୍ରସ୍ଥ ବିଶିଷ୍ଟ ଟେଣ୍ଟ ଓ ନାମ ସଂକର୍ତ୍ତନ ପାଇଁ ୨୦୦ ଫୁଟ ଲମ୍ବ ଓ ୬୦ଫୁଟ ପ୍ରସ୍ଥ ବିଶିଷ୍ଟ ଟେଣ୍ଟ ପ୍ରସ୍ତୁତ କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଯଜ୍ଞ ମଣ୍ଡପ ଚତୁଃପାର୍ଶ୍ୱକୁ ଟେଣ୍ଟ ଦ୍ୱାରା ଆବଦ୍ଧ କରାଯାଇଛି। ଜିଲାର ଥିବା ସମସ୍ତ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ନଦିଆଁ ଦଳଗୁଡିକୁ ନିମନ୍ତ୍ରଣ କରାଯାଇଛି। ଅନୁଗୋଳ ଓ ଢେଙ୍କାନାଳ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟୀ ତଥା ସମସ୍ତ ଗ୍ରାମର ସଭାପତି, ସମ୍ପାଦକ ଓ ଗ୍ରାମବାସୀ ଯୋଗ ଦେବା ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି।

ସେହିପରି ଉତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ ପାଇଁ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମା' ହିଙ୍ଗୁଳାଙ୍କ ଏହି ଭବ୍ୟ ମନ୍ଦିର ୧୩୧ ଫୁଟ ଉଚ୍ଚତା ବିଶିଷ୍ଟ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨୨ ଫୁଟ ଉଚ୍ଚତାର କାର୍ଯ୍ୟ ସମାପ୍ତ ହୋଇଥିବା ଜଣାପଡିଛି।







| S.No. | Entry | Age | Education Qualification | Pay Structure |
|---|---|---|---|---|
| (i) | Artificer Apprentice (AA) | Born Between 01 Feb 2000 to 31 Jan 2003 (Both dates inclusive) | Must have passed 10+2 examination with 60% or more marks in aggregate with Maths and Physics & atleast one of these subjects :- Chemistry/Biology/Computer Science from educational boards recognized by MHRD, Govt of India | After successful completion of training, will be placed in level 3 of Defence pay Matrix (Rs.21,700/- to 69,100/-) & MSP @ RS.5200/- per month plus DA (as applicable) |
| (ii) | Senior Secondary Recruit (SSR) | | Must have passed 10+2 examination with Maths and Physics & atleast one of these subjects :- Chemistry/Biology/Computer Science from educational boards recognized by MHRD, Govt of India | |

**Note:** Artificer Apprentice will be additionally admissible for 'X' Group Pay @ Rs.6200/- per month plus DA (as applicable).

**ONLINE APPLICATION FOR SAILOR'S ENTRIES WILL BE OPEN UNTIL 10 JULY 2019**

**Note:** (i) Identity proof is mandatory for online registration
(ii) Please read the instructions given in the website carefully before submitting your "e – Application".
For details visit www.joinindiannavy.gov.in & Employment News dated 29 June 2019.

davp 10701/11/0015/1920

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର,୭ ଜୁଲାଇ /୨୦୧୯, Dhenkanal, Sunday July 7 / 2019

# ଗଁଦିଆରୁ ଆରମ୍ଭ ହେଲା ଗ୍ରୀନ କରିଡର

■ହାତୀ ଖାଦ୍ୟ ଉପଯୋଗୀ ଗଛ ଉପରେ ଗୁରୁତ୍ୱ

■ଉପଦ୍ରୁତ ଅଞ୍ଚଳରେ ସୃଷ୍ଟି ହେବ ସବୁଜ ବଳୟ

**ଢେଙ୍କାନାଳ ଅଫିସ, ୬।୭**

ହାତୀ ଉପଦ୍ରୁତ ଢେଙ୍କାନାଳରେ ହସ୍ତୀଙ୍କୁ ସୁରକ୍ଷା ଦେବାକୁ ଆରମ୍ଭ ହୋଇଛି 'ଗ୍ରୀନ କରିଡ଼ର'। ୭୦ତମ ବନ ମହୋତ୍ସବ ଅବସରରେ ଶନିବାର ଗଁଦିଆ ବ୍ଲକ କରମୂଳରୁ ଏହାର ଶୁଭାରମ୍ଭ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ନିମ୍ବ ଚାରାରୋପଣ କରି ଏହାର ଶୁଭାରମ୍ଭ କରିଛନ୍ତି। ହାତୀ ଉପଦ୍ରୁତ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି ଏବଂ ହାତୀ ଖାଦ୍ୟ ଉପଯୋଗୀ ଚାରାରୋପଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏହି ଅବସରରେ ୧୧ଟି ହାତୀ ଖାଦ୍ୟ ଉପଯୋଗୀ ସମେତ ମୋଟ ୪୧ଟି ଚାରା ରୋପଣ କରାଯାଇଥିଲା। 'ଐରା' ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଗ୍ରୀନ୍ କରିଡର ଅଭିଯାନର ବିଜୟ କୁମାର ଦାସ ଅତିଥି ଭାବେ ଉପସ୍ଥିତ ଥିଲେ।

ଦେଶର ହାତୀ ଉପଦ୍ରୁତ ୮ ରାଜ୍ୟରେ ଗ୍ରୀନ୍ କରିଡର ଅଭିଯାନ ଆରମ୍ଭ ହୋଇଛି। ହାତୀ ଚଲାପଥ ସୁରକ୍ଷା, ହାତୀ ଚଲାପଥ ଅବରୋଧ ନ କରିବା ଏବଂ ହାତୀ ଆବାସସ୍ଥଳୀରେ ବ୍ୟାପକ ମାତ୍ରାରେ ବନୀକରଣ କରିବାକୁ ସଚେତନ କରାଯାଇଥିଲା। ଷଡ଼ଙ୍ଗୀ ରେଞ୍ଜର ଅଶୋକ ଭଞ୍ଜ, ଡେପୁଟି ରେଞ୍ଜର ଚନ୍ଦ୍ରମଣି ବେହେରା, ଫରେଷ୍ଟର ନିରଞ୍ଜନ ମଲ୍ଲିକ, ଫରେଷ୍ଟ ଗାର୍ଡ କଳ୍ପନା ବେହେରା, ରୀତା ସିଂ ପ୍ରମୁଖ ଚାରାରୋପଣ କରିଥିଲେ। ଏଥିରେ ସହାୟତା କରିଥିଲେ ହାତୀ ସ୍କାଡ୍ ସଦସ୍ୟ।

ଏହି ଅବସରରେ 'ଐରା' ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆବାସିକ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ଶଶିଭୂଷଣ ଶତପଥୀ, ରାମକୃଷ୍ଣ ମୁର୍ମୁ, ରମାକାନ୍ତ ପାଲିତ, ସଂଯୋଜକ ପ୍ରଦୀପ ଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଗ୍ରୀନ୍ କରିଡର ଅଭିଯାନରେ ଚାରାରୋପଣ କରାଯାଉଛି।

## ସଂକ୍ଷେପରେ

### ପରଜଙ୍ଗ କଲେଜ ପ୍ରତିଷ୍ଠା ଦିବସ




**ପରଜଙ୍ଗ, ୬।୭(ଡି.ଏନ.ଏ.):** ପରଜଙ୍ଗ କଲେଜର ୪୧ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସନାତନ ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧାପକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧକ୍ଷ ସହଦେବ ସାସ୍‌ମଲ, ଶିଶିର କୁମାର ମିଶ୍ର, ସୁନୀଲ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଘ୍ନରାଜ ଗଣେଶ, ବାଗ୍‌ଦେବୀ ସରସ୍ୱତୀ, ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ କଲେଜର ମୁଖପତ୍ର 'ଭାରତୀ', କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଏଥିସହ ସମସ୍ତ ଅଧାପିକାଅଧାପକ ଏବଂ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିଥିଲେ। ଇଂଲିଶ ଅଧାପକ ପ୍ରବୋଧ କୁମାର ରଥ ସଭା ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଅଧାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଲଗାଣ ବର୍ଷାରେ ସହର ବେହାଲ

**ଢେଙ୍କାନାଳ ଅଫିସ, ୬।୭:** ରାଜ୍ୟରେ ସକ୍ରିୟ ହୋଇଛି ମୌସୁମୀ ବାୟୁ। ଲଗାଣ ବର୍ଷାରେ ଢେଙ୍କାନାଳ ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ଟାଉନ ପ୍ଲାନିଂ ଏବଂ ଗାୟତ୍ରୀ ନଗରର କେତେକ ଅଞ୍ଚଳରେ ପାଣି ପଶିଛି। ବର୍ଷା ଜଳ ନିଷ୍କାସନ ପାଇଁ ପୌରସଂସ୍ଥା ପକ୍ଷରୁ ବ୍ୟବସ୍ଥା କରାଯାଉ ନ ଥିବାବେଳେ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲଗାଣବର୍ଷାରେ ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୌରାଞ୍ଚଳବାସୀ ଦାବି କରିଛନ୍ତି।

ସେହିପରି ସଦର ବ୍ଲକ ମଙ୍ଗଳପୁର କୁମ୍ଭାରସାହିରେ ଶୁକ୍ରବାର ରାତିରେ ଲଗାଣ ବର୍ଷା ଯୋଗୁ ଘର କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ବୁଲା ସେନାପତି (୮୦)। ବୁଲା ଏବଂ ତାଙ୍କ ସ୍ତ୍ରୀ ଘରେ ଶୋଇଥିବାବେଳେ ହଠାତ୍ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଗୁରୁତର ଅବସ୍ଥାରେ ପାଖପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

### 'ସାମାଜିକ ସଂସ୍କାର କାର୍ଯ୍ୟ କରିବାକୁ ଆହ୍ୱାନ'

**ଢେଙ୍କାନାଳ ଅଫିସ, ୬।୭:** ଢେଙ୍କାନାଳ ସଦର ବ୍ଲକ ଭାପୁର ଅଉଖମାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ଫକୀର ମୋହନ ସାହୁ କହିଲେ, ପୂଜ୍ୟପୂଜା, ମେଧା ପ୍ରୋତ୍ସାହନ ପ୍ରତିଭା, ପ୍ରେରଣା, ସମାଜ ସଂସ୍କାର, ପରିବେଶ ସୁରକ୍ଷା, ଅଧାତ୍ମ ସ୍ୱାଧାୟ ଆଦି ୬ଟି ଲକ୍ଷ୍ୟ ନେଇ ସଂସଦର ପ୍ରତିଷ୍ଠା ହୋଇଛି। ମୁଖ୍ୟଅତିଥି ଭାବେ କବି ବାହାଦୁର ପାଟସାହାଣୀ ଯୋଗଦେଇ କହିଲେ, ସାମାଜିକ ଅନୁଷ୍ଠାନଗୁଡ଼ିକ ସମାଜମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବା ଶୁଭସନ୍ଦେହ। ନିୟମିତ ଭାବେ ସାମାଜିକ ସଂସ୍କାରମୂଳକ କାର୍ଯ୍ୟ କରିବା ଦ୍ୱାରା ଜିଲାରେ ନୂତନ ଧାରା ସୃଷ୍ଟି ହେବ, ଯାହା ଜିଲାର ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କବୟିତ୍ରୀ ସରିତା ପାଟସାହାଣୀ, ସମ୍ମାନିତ ଅତିଥି ପ୍ରଦୀପ ପଣ୍ଡା, ଅପର୍ତ୍ତି ସାହୁ, ପୀତବାସ ମହାରଣା ପ୍ରମୁଖ ଯୋଗଦେଇଥିଲେ। ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଖିଳ ସାହୁ, ନଦିଆ ବିହାରୀ ସାହୁ, ଅଭୟ ନାୟକଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ୮୮ ହିତାଧିକାରୀ ପାଇଲେ କାର୍ଯ୍ୟାଦେଶ



**ଭୁବନ, ୬।୭(ଡି.ଏନ.ଏ.)**

ଭୁବନ ବ୍ଲକ ସଭାଗୃହରେ ଶନିବାର ୮୮ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ବିଡିଓ ରାମଚନ୍ଦ୍ର ସୋରେନ୍‌ଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସର ଗୁରୁତ୍ୱ ବୁଝିବା ଆବଶ୍ୟକ। ଦୀର୍ଘଦିନ ଧରି ଘର କାମ ଅସମ୍ପୂର୍ଣ୍ଣ କରି ରଖିଲେ ଏହାର ସୁଫଳ ମିଳିବ ନାହିଁ। ଯଥାଶୀଘ୍ର କାମ ଶେଷ କଲେ ପକ୍କାଘରେ ସମ୍ପୂର୍ଣ୍ଣ ପରିବାର ସୁରକ୍ଷିତ ଭାବେ ରହିପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଯମୁନାକୋଟ ସରପଞ୍ଚ ଖୁଲଣା ରାଉତ, ଅରଖପାଳ ସରପଞ୍ଚ ଭାସ୍କର ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ।

୨୦୧୯-୨୦ ଆର୍ଥିକ ବର୍ଷରେ ବ୍ଲକର ୧୮ ପଞ୍ଚାୟତରେ ୧୪୦୬ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଦିଘି, ଜିରାଳ, ଅରଖପାଳ, ଯମୁନାକୋଟ, ଧଳପଡ଼ା, ମୃଦଙ୍ଗା ପଞ୍ଚାୟତର ୮୮ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଭାଜପାର ସଦସ୍ୟତା ଅଭିଯାନ

**ଭୁବନ, ୬।୭(ଡି.ଏନ.ଏ.)**

ଭୁବନ ବ୍ଲକ ବାଲୁଆ (ବି) ପଞ୍ଚାୟତ ଅନ୍ତର୍ଗତ କାଇଁଶିରି ହନୁମାନ ମନ୍ଦିରରୁ ଶନିବାର ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଅନ୍‌ଲାଇନ୍ ଜରିଆରେ ଏହାର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିବସରେ ୨୦ଜଣ ଅନ୍‌ଲାଇନ୍‌ରେ ସଦସ୍ୟତା ଗ୍ରହଣ କରିଥିଲେ। ୩୬ଦିନ ମଧ୍ୟରେ ୨୦% ଅଧିକ ସଦସ୍ୟତା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି।




ଏହି ଅବସରରେ ଆୟୋଜିତ ସଭାରେ କୁନିନ୍ଦା ସରପଞ୍ଚ ରବିନାରାୟଣ ପରିଡ଼ା ଅଧକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶତ୍ରୁଘ୍ନ ଜେନା ସଭାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ସଦସ୍ୟତା ପ୍ରମୁଖ ମାତୃପ୍ରସାଦ ନନ୍ଦ, ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା, ମଣ୍ଡଳ ସହସଦସ୍ୟତା ପ୍ରଭାରୀ ସଞ୍ଜୟ ଦାସ, ଅନାମ ମହାଳିକ, ଭୁଷଳ ସରପଞ୍ଚ ଚିତ୍ତରଞ୍ଜନ ମଣିଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

# ୧୫୧ ୟୁନିଟ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୬।୭**




ଓଡ଼ାପଡ଼ା ବ୍ଲକ ଜିଏମ୍ଆର କମଳାଙ୍ଗ ଲିମିଟେଡ୍ (ଜିକେଇଏଲ୍) ଚିକିତ୍ସାଳୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର ରମେଶ ଆର୍. ପାଇ, ଅପରେଶନ ଓ ମେଣ୍ଟେନାନ୍ସ ମୁଖ୍ୟ ମନୋଜ ମିଶ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୟ କୁମାର ଠାକୁର, ପ୍ରଗତି ଲେଡିଜ୍ କ୍ଲବ ସଭାନେତ୍ରୀ ସନ୍ଧ୍ୟା ପାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଚିଫ୍ ଅପରେଟିଂ ଅଫିସର ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରାଇଥିଲେ।

ଜିଲା ରକ୍ତ ଭଣ୍ଡାର ଶାଖା, କମ୍ପାନୀର ମାନବ ସମ୍ବଳ ବିଭାଗ, ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମ୍ଆର ଭରଲକ୍ଷ୍ମୀ ଫାଉଣ୍ଡେଶନ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। କମ୍ପାନୀ କର୍ମଚାରୀ, ରକ୍ଷା ସିକ୍ୟୁରିଟି ସର୍ଭିସ୍, ଜିଏମ୍ଆର ଭିଏଫ୍, ଡିଏଭି ପବ୍ଲିକ ସ୍କୁଲ, ଅପରେଟିଂ ଏଜେନ୍ସି କର୍ମଚାରୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ।

# ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ

**ଛେଣ୍ଡିପଦା/ପବିତ୍ରନଗର ୬।୭(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଭାଜପା ପକ୍ଷରୁ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ଦଳକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଅନ୍ୟପକ୍ଷରେ ଅନଲାଇନ ଏପରିକି ହ୍ୱାଟ୍ସଆପ ଯୋଗେ ନୂତନ ସଦସ୍ୟତା ସକାଶେ ଆବେଦନ କରି ପାରିବେ। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଧାକର ବେହେରା, ସମିତି ସଭ୍ୟ ଟୁନା ସାହୁ, ଦୁର୍ଗା ଚରଣ ମହାପାତ୍ରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସେହିପରି କଣିହାଁ ବ୍ଲକ ମହୀଧରପୁରଠାରେ ପବିତ୍ରନଗର ମଣ୍ଡଳ ଭାଜପା ତରଫରୁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ଭାଜପା ନେତା ଅଶୋକ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଦଳର ନୂତନ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ୫୦ ଜଣ ନୂତନ ସଦସ୍ୟ ହୋଇଥିବା ଭାଜପା ପବିତ୍ରନଗର ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ ସୂଚନା ଦେଇଛନ୍ତି।

# 'ଗଛ ଲଗାଅ, ସୁରକ୍ଷା ଦିଅ'




**ପରଜଙ୍ଗ, ୬।୭(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ବାଗିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ବିଭାଗ ଏବଂ ୫୩ ନଂ. ଜାତୀୟ ରାଜପଥ ନିର୍ମାଣକାର୍ଯ୍ୟ ନେଇଥିବା କୁନାଲ ଷ୍ଟ୍ରକ୍‌ଚର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ (କେଏସ୍ଆଇପିଏଲ୍) କମ୍ପାନୀର ମିଳିତ ସହଯୋଗରେ ଶତାଧିକ ଚାରା ରୋପଣ କରାଯାଇଥିଲା।

ମହାବିରୋଡ ରେଞ୍ଜର ହରମୋହନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍କୁଲ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ବଢୁଥିବା ତାପମାତ୍ରା ରୋକିବାକୁ ହେଲେ ବ୍ୟାପକ ପରିମାଣର ଚାରା ରୋପଣ କରିବା ଜରୁରୀ। ଏହାକୁ ସମସ୍ତେ ହୃଦୟଙ୍ଗମ କରି ଗଛ ଲଗାଇବା ଏବଂ ଏହାର ସୁରକ୍ଷା ନେବା ଉଚିତ। ଏ ଦିଗରେ ଯୁବପିଢ଼ି ଏବଂ ସମସ୍ତ ଅନୁଷ୍ଠାନ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସରତାଜ ସିଂ, ପ୍ରୋଜେକ୍ଟ ମ୍ୟାନେଜର ସୁମନ୍ତ ପାତ୍ରୋ, ମାନବ ସମ୍ବଳ ଅଧିକାରୀ ଅମୂଲ୍ୟ ସାହୁ , ବିଦ୍ୟାଳୟ ଅଧାପକ ରବୀନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ, ସାରଦା ପ୍ରସନ୍ନ କବି, ଫରେଷ୍ଟର ରାମଚନ୍ଦ୍ର ରାଉତ ସମେତ କମ୍ପାନୀ କର୍ମଚାରୀ ଉପସ୍ଥିତ ଥିଲେ। ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ